بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୩୧ ମଇ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
# ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

ହଜରତ ଖବିବ୍ [ର.ଅ]ଙ୍କର ପ୍ରାଣବଳୀ ଦେବାର ଘଟଣା ଚର୍ଚ୍ଚା ଏବଂ ବିଭିନ୍ନ ଦେଶରେ ଅତ୍ୟାଚାରର ଶିକାର ଲୋକମାନଙ୍କ ପାଇଁ ଦୁଆର ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ଓ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗୋଟିଏ ସରିୟାରେ ହଜରତ ଖବିବ୍ [ର.ଅ]ଙ୍କର ଶହିଦ୍ ହେବାର ଚର୍ଚ୍ଚା ଚାଲିଥିଲା । ଉକ୍ତ ଘଟଣାର ଅଧିକ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ଖବିବ୍[ର.ଅ] ପ୍ରଥମ ସାହାବା ଥିଲେ ଯାହାଙ୍କୁ ଶୂଳିରେ ବଧ କରାଯାଇଥିଲା ଅର୍ଥାତ ଶତ୍ରୁ ତାଙ୍କୁ ଶୂଳିରେ ଲଟକାଇ ଶହିଦ୍ କରିଥିଲେ ।

ଅଲ୍ଲାମା ଇବ୍‌ନେ ଅସିର ଲେଖିଛନ୍ତି ଯେ, ହଜରତ ଖବିବ୍[ର.ଅ] ପ୍ରଥମ ସାହାବି ଥିଲେ ଯେ ଅଲ୍ଲାଃତାଲାଙ୍କ ମାର୍ଗରେ ଶୂଳିର ନିର୍ଯ୍ୟାତନା ଭୋଗ କରିଥିଲେ । ଅମାନ୍ୟକାରୀ କୁରୈଶ ତାଙ୍କୁ ଶୂଳିରେ ଲଟକାଇ ଇସଲାମରୁ ଫେରିଯିବା ସ୍ଥଳେ ମୁକ୍ତ କରିଦେବାର ପ୍ରସ୍ତାବ (ବିକଳ୍ପ) ଦେଇଥିଲା । **କିନ୍ତୁ ସେହି ନିଷ୍ପାପର ସାହାବି ତାଙ୍କୁ ଉତ୍ତର ଦେଲେ କି ଏହି ମାର୍ଗରେ ମୋର ଶହିଦ୍ ହେବା ତ ଏକ ସାଧାରଣ କଥା ।**

ସେଥିଅନ୍ତେ ସେ ପରମାତ୍ମାଙ୍କୁ ଏପରି ସମ୍ବୋଧିତ କଲେ ହେ ଅଲ୍ଲାଃ ! ଏହିସ୍ଥଳେ ଏପରି କେହି ନାହାନ୍ତି ଯେ ମୋର ସଲାମ୍ ତୁମ୍ଭ ପ୍ରିୟ ନବୀଙ୍କ ନିକଟରେ ପହଞ୍ଚାଇ ଦେବ । ସୁତରାଂ ତୁମ୍ଭେ ସ୍ୱୟଂ ମୋର ସଲାମ୍ ନବୀଶ୍ରେଷ୍ଠଙ୍କ ନିକଟରେ ପହଞ୍ଚାଇ ଦିଅ ଏବଂ ଆମ ସହିତ ଯାହା ଘଟୁଅଛି ତାହା ତୁମ୍ଭେ ତାଙ୍କୁ ଅବଗତ କରାଇ ଦିଅ । ହଜରତ ଉସାମା ବିନ୍ ଜୈଦ[ର.ଅ] ବର୍ଣ୍ଣନା କରନ୍ତି, ଏକଦା ହୁଜୁର[ସ.ଅ] ସାହାବାମାନଙ୍କ ସହିତ ବସିଥିଲେ ଯେ, ଆପଣ [ସ.ଅ]ଙ୍କ ଉପରେ ଦୈବି ପ୍ରଭାବର ପ୍ରାଦୁର୍ଭବ ହେଲା ଏବଂ ଆପଣ ଉତ୍ତର ଦେଲେ, ଓଆଲୈହିସ୍ ସଲାମ୍ ଓ ରହ୍‌ମତୁଲ୍ଲାହି ଓ ବରକାତହୁ । ତାଙ୍କ ଉପରେ ମଧ ପ୍ରଭୁଙ୍କର ଦୟା, କୃପା ଓ କଲ୍ୟାଣ (ଅବତୀର୍ଣ୍ଣ) ହେଉ । ତତ୍ ପଶ୍ଚାତ ଯେତେବେଳେ ଆପଣ [ସ.ଅ]ଙ୍କର ଅବସ୍ଥା ସାମାନ୍ୟ ହେଲା ସେତେବେଳେ ଆପଣ କହିଲେ; ଏ ଜିବରିଲ୍ ଥିଲେ ଯେ ମୋତେ ହଜରତ ଖବିବ୍ [ର.ଅ]ଙ୍କର ସଲାମ୍ ଜଣାଇଲେ । ଖବିବ୍ [ର.ଅ]ଙ୍କୁ ଅମାନ୍ୟକାରୀ କୁରୈଶମାନେ ହତ୍ୟା କରି ଦେଇଛନ୍ତି ।

ଗୋଟିଏ ବର୍ଣ୍ଣନାନୁଯାୟୀ ଅମାନ୍ୟକାରୀ କୁରୈଶ୍ ଖବିବ୍ [ର.ଅ]ଙ୍କୁ ହତ୍ୟା କରିବା ସମୟରେ ୪୦ଜଣ ଏପରି ବ୍ୟକ୍ତିଙ୍କୁ ଡ଼କାଇ ଥିଲେ ଯାହାଙ୍କ ବାପଦଦା ବଦର୍ ଯୁଦ୍ଧରେ ନିହତ ହୋଇଥିଲେ । ତା'ପରେ ସେମାନେ ଉକ୍ତ ପ୍ରତ୍ୟେକ ବ୍ୟକ୍ତି ହସ୍ତରେ ଗୋଟିଏ ଗୋଟିଏ ବର୍ଚ୍ଛା ଧରାଇ କହିଲେ; ଏହି ସେ ବ୍ୟକ୍ତି ଯେ ତୁମ ବାପଦଦାଙ୍କୁ ହତ୍ୟା କରିଛି । ଯଦ୍ୱାରା ସେମାନେ ଖବିବ୍ [ର.ଅ]ଙ୍କୁ ବର୍ଚ୍ଛା ମାରି ଥିଲେ । ଏଥିରେ ଖବିବ୍[ର.ଅ] ଶୂଳିରେ ବେଦନାରେ ଛଟପଟ ହେବାକୁ ଲାଗିଲେ । ସେଥିଅନ୍ତେ ଖବିବ୍ [ର.ଅ]ଙ୍କର ମୁଖ କାବା ଆଡ଼କୁ ପାଲଟି ଗଲେ । ବସ୍ତୁତଃ ସେ କହିଲେ; ସକଳ ପ୍ରଶଂସା ଐଶ୍ୱର୍ଯ୍ୟମୟ ପ୍ରଭୁ ଅଲ୍ଲାଃତାଲାଙ୍କ ସକାଶେ ଉଦ୍ଦିଷ୍ଟ ଯେ ମୋ ମୁଖକୁ ପବିତ୍ର ପୀଠସ୍ଥଳୀ ଖାନାକାବା

ଆଡ଼କୁ କରିଦେଲେ । ଯାହାକି ସେ ନିଜ ପାଇଁ ପସନ୍ଦ କରନ୍ତି । ତହୁଁ ଉପରାନ୍ତ ଅମାନ୍ୟକାରୀମାନେ ତାଙ୍କର ବଧ କରିଦେଲେ । ଏଥିରୁ ଜଣା ପଡ଼ିଲା ଯେ, ଅମାନ୍ୟକାରୀମାନେ ପ୍ରଥମେ ହଜରତ ଖବିବ୍ ର.ଅ.ଙ୍କୁ ବର୍ଚ୍ଛା ମାରି ଭୀଷଣ ନିର୍ଯ୍ୟାତନା ଦେବା ପରେ ତାଙ୍କୁ ହତ୍ୟା କରିଦେଲେ ।

ହଜରତ ମିର୍ଜା ବଶିର ଅହେମଦର.ଅ. କୁହନ୍ତି; କୁରୈଶର ଧନାଢ଼୍ୟମାନଙ୍କ ଆନ୍ତରିକ ଶତ୍ରୁତା ଦୟା ଓ ନ୍ୟାୟ କରିବାରୁ ସମ୍ପୂର୍ଣ୍ଣ ରୂପେ ବିରତ ରହିଥିଲା । ତେବେ ଏବେ ଅଧିକ ସମୟ ଅତିବାହିତ ହୋଇ ନଥିଲା ଯେ, ବନୁ ହାରିସ୍‌ର ଲୋକମାନେ ଏବଂ କୁରୈଶର ଅନ୍ୟ ଦଳପତିମାନେ ହଜରତ ଖବିବ୍ ର.ଅ.ଙ୍କୁ ହତ୍ୟା କରିବା ଓ ତାଙ୍କ ମୃତ୍ୟୁରେ ଆନନ୍ଦ ଉପଭୋଗ କରିବା ସକାଶେ ତାଙ୍କୁ ଏକ ଖୋଲା ପଡ଼ିଆକୁ ନେଇଗଲେ । ମୃତ୍ୟୁ ପୂର୍ବରୁ ସେ ଦୁଇ ରେକାତ୍ ନମାଜ ପାଠ କରିବାକୁ ଅମାନ୍ୟକାରୀଙ୍କ ଠାରୁ ଅନୁମତି ଲୋଡ଼ିଲେ । ସେଥିଅନ୍ତେ ଆକୁଳତାର ସହିତ ନୱାଫିଲ୍ ପାଠ କରି କହିଲେ; ମୋର ଇଚ୍ଛା ହେଉଥିଲା କି ମୁଁ ନିଜ ନମାଜକୁ ଆହୁରି ପ୍ରଶସ୍ତ କରିଦିଅନ୍ତି କିନ୍ତୁ ମୋତେ ତୁମର କଥା ମନେ ପଡ଼ିଲା କି କାଳେ ତୁମେ ଏହା ନଭାବ କି ମୁଁ ମୃତ୍ୟୁ ଭୟରେ ଅଧିକ ସମୟ ବ୍ୟତୀତ ଅର୍ଥାତ ବିଳମ୍ବ କରୁଅଛି । ତା'ପରେ ସେ ଏହି କବିତା ପାଠ କରି ଆଗକୁ ଆନତ ହୋଇଗଲେ । ଅର୍ଥାତ ଯେତେବେଳେ ମୁଁ ମୁସଲମାନ ଥିବା ଅବସ୍ଥାରେ ନିହତ ହେଉଅଛି ସେତେବେଳେ ମୋତେ ଏକଥାର ପରୱା (ଭ୍ରୂକ୍ଷେପ) ନାହିଁ ଯେ, ମୁଁ ନିହତ ହୋଇ କେଉଁ ପାର୍ଶ୍ୱକୁ (ଟଳି) ପଡ଼ିବି । **ଏସବୁ ପ୍ରଭୁଙ୍କ ସକାଶେ ଉଦ୍ଦିଷ୍ଟ ଏବଂ ଯଦି ମୋ ସୃଷ୍ଟିକର୍ତ୍ତା ଇଚ୍ଛା କରିବେ ତେବେ ମୋ ଶରୀରର ଛୋଟ ଛୋଟ ଅଂଶବିଶେଷ (କୋଷିକା)ରେ ମଧ୍ୟ ବରକତ୍ ରଖିଦେବେ ।**

ହଜରତ ଖବିବ୍ର.ଅ. ଶହିଦ୍ ହେବା ସମୟରେ ଦୁଆ କରିଥିଲେ, ହେ ପ୍ରଭୁ ! ଏହି ଅତ୍ୟାଚାରୀମାନଙ୍କୁ ଗୋଟି ଗୋଟି କରି ନାଶ କରିବ । ବସ୍ତୁତଃ ବର୍ଣ୍ଣନାନୁଯାୟୀ ଉକ୍ତ ଘଟଣାକୁ ମାତ୍ର ବର୍ଷେ ପୂରଣ ହୋଇ ନଥିଲା ଯେ, ଉକ୍ତ ହତ୍ୟାରେ ଜଡ଼ିତ ସମସ୍ତ ଦୁର୍ବୃତ୍ତମାନେ ନିପାତ ହୋଇଗଲେ । ମହାମାନ୍ୟ ହୁଜୁର ଅନୱରଅ.ବ. କହିଲେ; ଏକଥା ତ ପ୍ରମାଣ ସିଦ୍ଧ ନୁହେଁ ଯେ, ଉକ୍ତ ଘଟଣାକୁ ବର୍ଷେ ପୁରିବା ପୂର୍ବରୁ ହିଁ ସେସମସ୍ତ ଦୁର୍ଦ୍ଦାନ୍ତମାନଙ୍କର ନିପାତ ହୋଇ ଯାଇଥିଲା । ହଁ ଏକଥା କୁହାଯାଇ ପାରେ ଯେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ନିହତ ହୋଇ ଯାଇଥିଲେ ଅଥବା ମକ୍କା ବିଜୟ ପର୍ଯ୍ୟନ୍ତ ଇସଲାମ ଧର୍ମ ସ୍ୱୀକାର କରି ନେଇଥିଲେ । ଜଣେ ଜୀବନୀ ଲେଖାଳୀ ଏଥିସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି ଯେ, ଅମାନ୍ୟକାରୀମାନେ ଖବିବ୍ ର.ଅ.ଙ୍କ ମୁଖରୁ ସେହି ଅଭିଶାପ ମୂଳକ ଉକ୍ତି ଶୁଣିବା ମାତ୍ରେ ଆନ୍ଦୋଳିତ ହୋଇ ଉଠିଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ, ଖବିବ୍ ର.ଅ.ଙ୍କର ଏହି ଅଭିଶାପ ବ୍ୟର୍ଥ ଯିବ ନାହିଁ । **ଅତଏବ କୁରୈଶ୍‌ଙ୍କ ମଧ୍ୟରେ ସେହି ଅଭିଶାପକୁ କେନ୍ଦ୍ର କରି ଅନେକ ଆଲୋଚନା ଓ ସମାଲୋଚନା ହୋଇଥିଲା ।** ଏକ ମାସ ଅଥବା ତଦ୍ ଉର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ସେମାନଙ୍କ ବୈଠକରେ ଖବିବ୍ ର.ଅ.ଙ୍କ ଅଭିଶାପ ମୂଳକ ଭୟର ଆକ୍ରୋଶ ରହିଥିଲା ଏବଂ ସେମାନେ କେବଳ ତାହାରି ଚର୍ଚ୍ଚା କରୁଥିଲେ ।

ଯେଉଁ ଜନସମାଗମରେ ଖବିବ୍ ର.ଅ.ଙ୍କୁ ଶହିଦ୍ କରାଯାଇଥିଲା ସେମାନଙ୍କ ମଧ୍ୟରେ ସଇଦ୍ ବିନ୍ ଆମିର୍ ନାମକ ଜଣେ ବ୍ୟକ୍ତି ଉପସ୍ଥିତ ଥିଲେ । ପରବର୍ତ୍ତୀ ସମୟରେ ସେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ହଜରତ ଉମର୍ ର.ଅ.ଙ୍କ କାଳ ପର୍ଯ୍ୟନ୍ତ ତାଙ୍କର ଅବସ୍ଥା ଏପରି ଥିଲା କି ଯେତେବେଳେ ମଧ୍ୟ ତାଙ୍କୁ ଖବିବ୍ ର.ଅ.ଙ୍କ ଶହିଦ୍ ହେବା ଘଟଣା ମନେ ପଡୁଥିଲା ସେ ଚେତାଶୂନ୍ୟ ହୋଇ ଯାଉଥିଲେ । ହଜରତ ଉମର୍ର.ଅ. ସଇଦ୍‌ଙ୍କୁ ଶିରିୟା ଦେଶର ଏକ ଅଞ୍ଚଳର ହାକିମ (ଆମିଲ୍) ନିଯୁକ୍ତ କରିଥିଲେ ଏବଂ ତାଙ୍କର ଅବସ୍ଥା ଏପରି ଥିଲା କି ଯଦି ଲୋକମାନଙ୍କ ମଧ୍ୟରେ ଉକ୍ତ ଲୋମହର୍ଷଣକାରୀ ଘଟଣା ଚର୍ଚ୍ଚା ହେଉଥିଲା ସେତେବେଳେ ସଇଦ୍ ଚେତାଶୂନ୍ୟ ହୋଇଯାଉ ଥିଲେ । ତେଣୁ ଲୋକମାନେ ହଜରତ ଉମର୍ ର.ଅ.ଙ୍କ ନିକଟରେ ଅଭିଯୋଗ କଲେ କି ଆପଣ ଜଣେ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ଆମର ଅମିର୍ ମୁତୟନ କରିଛନ୍ତି । ଯେତେବେଳେ ସଇଦ୍ ହଜରତ ଉମର୍ ର.ଅ.ଙ୍କୁ ସାକ୍ଷାତ

କରିବାକୁ ଆସିଲେ, ହଜରତ ଉମର୍ ତାଙ୍କୁ ପ୍ରଶ୍ନ କଲେ ହେ ସଇଦ୍ ତୁମେ କ'ଣ କୌଣସି ରୋଗରେ ପୀଡ଼ିତ ? ସେ ଉତ୍ତର ଦେଲେ ନା ମୁଁ କୌଣସି ରୋଗରେ ଆକ୍ରାନ୍ତ ନାହିଁ । କଥା ମାତ୍ର ଏତିକି ଯେ, ଯେତେବେଳେ ଖବିବ୍ ର.ଅଙ୍କୁ ହତ୍ୟା କରାଗଲା ସେଠାରେ ମୁଁ ମଧ୍ୟ ଉପସ୍ଥିତ ଥିଲି । ଏବେ ଯେତେବେଳେ ମଧ୍ୟ ମୋତେ ଖବିବ୍ ର.ଅଙ୍କ ଅଭିଶାପ ମୂଳକ ଉକ୍ତି ମନେପଡୁଛି, ମୁଁ ଅଚେତ ହୋଇଯାଉଛି ।

କୁରୈଶ୍ ଖବିବ୍ ର.ଅଙ୍କ ମରଶରୀରକୁ ଶୂଳିରେ ହିଁ ଲଟକାଇ ରଖିଥିଲେ, ଯଦ୍ଦ୍ୱାରା ତାହା ପଚିସଢ଼ି ଯିବ । ହଜରତ ମୁହମ୍ମଦସ.ଅ ତାଙ୍କ ମରଶରୀରକୁ ଶୂଳିରୁ ଓହ୍ଲାଇ ଆଣିବାକୁ ଆହ୍ୱାନ ଜଣାଇ କହିଲେ; ତୁମମାନଙ୍କ ମଧ୍ୟରୁ କିଏ ଏହି କାର୍ଯ୍ୟ କରିବାର ଦାୟିତ୍ୱ ରଖୁଛି । ଏଥିରେ ହଜରତ ଜୁବେର୍ ବିନ୍ ଅୱାମ୍ ଉତ୍ତର ଦେଲେ ହେ ଅଲ୍ଲାଃଙ୍କ ରସୁଲସ.ଅ !ମୁଁ ଓ ମୋର ବନ୍ଧୁ ମିକ୍‌ଦାଦ୍ ବିନ୍ ଅସୱଦ୍ । ଯେତେବେଳେ ସେ ଦୁହେଁ ଉକ୍ତ ସ୍ଥାନରେ ପହଞ୍ଚିଲେ ସେଠାରେ ୪୦ଜଣ ବ୍ୟକ୍ତିଙ୍କୁ ଅଚେତ ଅବସ୍ଥାରେ ପାଇଲେ । ସୁତରାଂ ସେମାନେ ଏହି ସୁବର୍ଣ୍ଣ ସୁଯୋଗର ସଦ୍‌ଉପଯୋଗ କରି ଖବିବ୍ ର.ଅଙ୍କ ମରଶରୀରକୁ ଶୂଳିରୁ ଓହ୍ଲାଇ ଆଣିଲେ । ଏହା ହଜରତ ଖବିବ୍ ର.ଅଙ୍କ ନିଧନ ହେବାର ୪୦ଦିନ ପରର ଘଟଣା ।

ଜୀବନୀର ପୁସ୍ତକର ବର୍ଣ୍ଣନାରେ ହଜରତ ଖବିବ୍ ର.ଅଙ୍କ ମରଶରୀରକୁ ଆଣିବାରେ ଆଉ କେତେକ ସାହାବାଙ୍କ ଚର୍ଚ୍ଚା ମିଳୁଅଛି । ତେବେ ଗୋଟିଏ ବର୍ଣ୍ଣନାନୁଯାୟୀ ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଏହି କାର୍ଯ୍ୟ ନିମନ୍ତେ ହଜରତ ଉମ୍‌ରୋ ବିନ୍ ଉମୟା ର.ଅଙ୍କୁ ପ୍ରେରଣ କରିଥିଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ଉମ୍‌ରୋ ବିନ୍ ଉମୟା ର.ଅଙ୍କ ସହିତ ହଜରତ ଜବ୍‌ବାର ବିନ୍ ସଖ୍‌ରା ଅନସାରୀ ର.ଅଙ୍କୁ ପ୍ରେରଣ କରିଥିଲେ । ସେ ବର୍ଣ୍ଣନା କରନ୍ତି, ଆମେ ହଜରତ ଖବିବ୍ ର.ଅଙ୍କ ମରଶରୀରକୁ ଓହ୍ଲାଇ ଆଣିଲୁ ଏବଂ ଯେତେବେଳେ ଶତ୍ରୁ ଆମ ପଛ ଧରିଲେ ସେତେବେଳେ ମୁଁ ଖବିବ୍ ର.ଅଙ୍କ ମରଶରୀରକୁ ନଦୀକୁ ଫିଙ୍ଗି ଦେଲି । ଏପରି ଅଲ୍ଲାଃତାଲା ଖବିବ୍ ର.ଅଙ୍କ ମରଶରୀରକୁ ଅମାନ୍ୟକାରୀଙ୍କ କବଳରୁ ମୁକୁଳାଇ ଆଣିଥିଲେ । ମହାମହିମ ହୁଜୁର ଅନୱରଅ.ବ କହିଲେ; ଅଲ୍ଲାଃତାଲା ଏପରି ତାଙ୍କ ମରଶରୀରର ତିରସ୍କାର ହେବାରୁ ସୁରକ୍ଷିତ ରଖିଲେ । **ଅମାନ୍ୟକାରୀମାନେ ଯାହା କରିବାକୁ ଚାହୁଁଥିଲେ ତାହା ସେମାନେ କରିବାରେ ସଫଳ ହୋଇପାରଲେ ନାହିଁ ।** ସର୍ବଶକ୍ତିମାନ ଅଲ୍ଲାଃତାଲା ଏପରି ନିଜ ଭକ୍ତଙ୍କର ରକ୍ଷା କରିଥାନ୍ତି । ଏପରି ଅନେକ ଘଟଣାମାନ ରହିଛି ଯେଉଁସ୍ଥଳେ ପ୍ରଭୁ ଶତ୍ରୁ କବଳରୁ ମୁସଲମାନ ଶହିଦ୍‌ମାନଙ୍କୁ ଉଦ୍ଧାର କରିଥିଲେ । ପୂର୍ବ ଖୁତବାରେ ମଧ୍ୟ ମୁଁ ଏପରି ଏକ ଘଟଣା ଚର୍ଚ୍ଚା କରିଥିଲି କି ବିରୁଡ଼ି ଓ ମହୁମାଛିମାନଙ୍କ ମାଧ୍ୟମରେ ଶହିଦ୍‌ଙ୍କ ମରଶରୀରକୁ ପ୍ରଭୁ ରକ୍ଷା କରିଥିଲେ ଏବଂ ତାହାକୁ ତିରସ୍କୃତ ହେବାକୁ ଦେଇ ନଥିଲେ । ପ୍ରିୟ ହୁଜୁର ଅନୱରଅ.ବ କହିଲେ; ଏହି ସରିୟାର ଆଲୋଚନା ଏଠାରେ ଶେଷ ହେଲା ।

ମହାମାନ୍ୟ ହୁଜୁର ଅନୱରଅ.ବ କହିଲେ; ମୁଁ ଦୁଆ କରିବା ପ୍ରତି (ଆପଣମାନଙ୍କର) ଧ୍ୟାନ ଆକର୍ଷିତ କରୁଅଛି । ଫିଲିସ୍ତିନ୍‌ବାସୀଙ୍କ ପାଇଁ ଦୁଆ କରିବେ ଏବେ ତ ଅତ୍ୟାଚାର ନିଜ ସୀମା ଲଘଂୀ ଯାଇଛି । ରଫା (ଅଞ୍ଚଳ) ସଂକ୍ରାନ୍ତରେ ଆମେରିକା ପୂର୍ବରୁ ବୟାନ ଦେଇଆସୁଛି ଯେ, ତାହା ଆମ ରେଡ଼ଲାଇନ୍ ହେବ ଅର୍ଥାତ ଉକ୍ତ ଅଞ୍ଚଳରେ ପହଞ୍ଚି ଆମେ ଆଗକୁ ଅଗ୍ରସର ହେବୁ ନାହିଁ । ବର୍ତ୍ତମାନ କହୁଛନ୍ତି କି ନା ଏବେ (ଯୁଦ୍ଧ) ସମାପ୍ତ ହୋଇ ନାହିଁ । ଜଣା ନାହିଁ ତାଙ୍କ ରେଡ଼ଲାଇନ୍‌ର ପରିସୀମା କେଉଁସ୍ଥଳେ ଶେଷ ହେବ ? ଆଉ କେତେଲକ୍ଷ ନିରୀହ ଜନତାଙ୍କୁ ସେମାନେ ହତ୍ୟା କରିବେ । ଅଲ୍ଲାଃତାଲା ଏହି ଅତ୍ୟାଚାରୀମାନଙ୍କ କବଳରୁ ସଂସାରବାସୀଙ୍କୁ ରକ୍ଷା କରନ୍ତୁ ଏବଂ ଅତ୍ୟାଚାରିତ ଫିଲିସ୍ତିନ୍‌ବାସୀଙ୍କୁ ମଧ୍ୟ ମୁକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଏହିପରି ସୁଦାନ ଦେଶର ଲୋକମାନଙ୍କ ସକାଶେ ମଧ୍ୟ ଦୁଆ କରିବେ । ସେଠାରେ ତ ନିଜ ଗୋଷ୍ଠୀ ଅର୍ଥାତ ମୁସଲମାନମାନେ ନିଜ ଜାତିଭାଇଙ୍କର ରକ୍ତପାତ କରୁଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ଦିଅନ୍ତୁ । ସେମାନେ ଅଲ୍ଲାଃତାଲାଙ୍କ ଧରପଗଡ଼ରୁ ବର୍ତ୍ତି ରହି ତାଙ୍କ ଆଦେଶ ପାଳନ କରନ୍ତୁ । ୟମନ୍ ଦେଶର କଏଦୀମାନଙ୍କ

ସକାଶେ ମଧ୍ୟ ଦୁଆ କରିବେ । ପାକିସ୍ତାନର ଅହେମଦିମାନଙ୍କ ସକାଶେ ମଧ୍ୟ ଦୁଆ କରିବେ । ସେଠାରେ ମଧ୍ୟ ପରିସ୍ଥିତି ଅସାମାନ୍ୟ ରହିଛି । ଯେହେତୁ ଇଦ୍ ପାଖେଇ ଆସୁଛି ତେଣୁ ମୌଲବୀମାନେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଛନ୍ତି । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିମାନଙ୍କୁ ସମସ୍ତ ପ୍ରକାରର ବିପତ୍ତିରୁ ସୁରକ୍ଷିତ ରଖନ୍ତୁ । କଏଦୀମାନଙ୍କ ମୁକ୍ତିର ପଥ ମଧ୍ୟ ଉନ୍ମୁକ୍ତ କରିଦିଅନ୍ତୁ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଦୁଇଜଣ ମୃତକଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରାଇବାର ଘୋଷଣା କଲେ । ପ୍ରଥମ ଜନାଯାଃ ଶ୍ରୀମାନ ଚୌଧରୀ ମୁନୀର୍ ଅହେମଦ ସାହେବ ମୁରବୀ ସିଲ୍‌ସିଲାଙ୍କର ରହିଛି । ସେ ଆମ ଆମେରିକା ସ୍ଥିତ ଟେଲିଫୋର୍ଡ ଅଞ୍ଚଳରେ ଆନ୍ତର୍ଜାତିକ ଏମ୍.ଟି.ଏ.ର ନିର୍ଦ୍ଦେଶକ ମଧ୍ୟ ଥିଲେ । ବିଗତ ଦିନରେ ୭୩ବର୍ଷ ବୟସରେ ତାଙ୍କର ପରଲୋକ ହୋଇଗଲା । ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ମୃତକ ୧୯୮୧ମସିହାରୁ ୧୯୯୦ମସିହା ଏବଂ ପୁନଶ୍ଚ ୧୯୯୪ ମସିହାରୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଜମାଅତର ସେବା କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଆନ୍ତର୍ଜାତିକ ଏମ୍.ଟି.ଏ ଟେଲିଫୋର୍ଡ ଆମେରିକା ସ୍ଥାପନ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସେ ବେଶ ପରିଶ୍ରମୀ ଏବଂ ନିଷ୍ଠାର ସହିତ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ଯାନ୍ତ୍ରିକ କାର୍ଯ୍ୟ ମଧ୍ୟ ନିଜ ପ୍ରଚେଷ୍ଟା ଓ ଅଧ୍ୟବସାୟ ବଳରେ ଶିଖିଥିଲେ ଏବଂ ବେଶ୍ ଦକ୍ଷତା ପୂର୍ଣ୍ଣ ଭାବରେ ସମସ୍ତ କାର୍ଯ୍ୟ ପରିଚାଳନା କରୁଥିଲେ । ମୃତକ ଜଣେ ଦୁଆକାରୀ, ଖିଲାଫତ୍ ସହିତ ଘନିଷ୍ଟ ସମ୍ପର୍କ ରକ୍ଷାକାରୀ, ଅତିଥି ସତ୍କାରୀ ଆଦି ସୁଗୁଣାବଳୀର ଅଧିକାରୀ ଥିଲେ । ହୁଜୁର ଅନଓ୍ୱର[ଅ.ବ] କହିଲେ; **ସେ ଜଣେ ଅନୁକରଣ ଯୋଗ୍ୟ ଉତ୍ସର୍ଗୀ ଥିଲେ ।**

ଦ୍ୱିତୀୟ ଜନାଯାଃ ଶ୍ରୀମାନ ଅବ୍ଦୁର୍ ରହେମାନ୍ କଟି ସାହେବ କେରଳ ନିବାସୀଙ୍କର ରହିଛି । ବିଗତ ଦିନରେ ସେ ଇହଧାମ ପରିତ୍ୟାଗ କରିଗଲେ । ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ମୃତକ ଜଣେ ମୁସି ଥିଲେ । ମାତ୍ର ୧୬ବର୍ଷ ବୟସରେ ସେ ବୈଅତ କରି ଜମାଅତରେ ସାମିଲ ହୋଇଥିଲେ । ମୃତକ ନିୟମିତ ରୂପେ ନମାଜ ରୋଜାର ପାଳନକାରୀ ବ୍ୟକ୍ତି ଥିଲେ । ଜମାଅତ ସହିତ ନିଷ୍ଠାପୂର୍ଣ୍ଣ ସମ୍ପର୍କ ରକ୍ଷାକାରୀ, ଅତି ସାଧାରଣ ସ୍ୱଭାବର ଅଧିକାରୀ, ବିନମ୍ର ଓ ପୁଣ୍ୟବାନ ମଣିଷଟିଏ ଥିଲେ । ତାଙ୍କର ଗୋଟିଏ ପୁତ୍ର ଶ୍ରୀମାନ ଶମ୍‌ସୁଦ୍ଦିନ୍ ମାଲାବାର ସାହେବ ମୁବଲିଗ୍ ଇନ୍‌ଚାର୍ଜ କବାବିର୍ ଭାବରେ ସେବା ସମ୍ପାଦନ କରୁଛନ୍ତି । ସେଠାରୁ ଯାଇ ସେ ନିଜ ପିତାଙ୍କ ଅନ୍ତ୍ୟେଷ୍ଟିକ୍ରୀୟାରେ ସାମିଲ ହୋଇ ପାରି ନଥିଲେ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଉଭୟ ମୃତକଙ୍କ ପାଇଁ ମୋକ୍ଷ ପ୍ରାପ୍ତି ଓ ବୈକୁଣ୍ଠରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।